ରାଜାରାଣୀ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ସୁରେଶ ୱାଡ଼କରଙ୍କ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଦର୍ଶକ ବିଭୋର

ଭୁବନେଶ୍ୱର - ତା ୧୯.୦୧.୨୦୧୭ - ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡିଶୀ ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ନିଗମ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ ଆଜି ଦ୍ୱିତୀୟ ବର୍ଣ୍ଣାଢ୍ୟ ଓ ଚିତ୍ତାକର୍ଷକ ସନ୍ଧ୍ୟା ସାଙ୍ଗକୁ ଓଡ଼ିଶୀ ସଂଗୀତ ଓ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା ।

ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ରପକ କୁମାର ପରିଡ଼ାଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣରୁ । ସେ ପ୍ରଥମେ ରାଗାଙ୍ଗ ପର୍ଯ୍ୟାୟରେ ରାଗ-କାମୋଦୀରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ପ୍ରବନ୍ଧ - "ଆସି ଘନ କାଳ ହୋଇଲାରେ ଘନ କେଶୀ ସଂଗ ନହିଁଲାରେ" ପରେ ପରେ କବି ସୂର୍ଯ୍ୟ ବଳଦେବ ରଥଙ୍କ ଦ୍ୱାରା ରଚିତ ଚମ୍ପୂ ପ୍ରବନ୍ଧ "ବର୍ତ୍ତୁଳ ଚନ୍ଦ୍ରନାନା ତୋ ଚିତ୍ତରେ" ଯାହା ରାଗ-ଶ୍ରୀ ରଞ୍ଜନୀ ଓ ତାଳ ଆଡ଼ତାଳୀ ଉପରେ ପର୍ଯ୍ୟବେଷିତ ଥିଲା । ତାଙ୍କର ପରବର୍ତ୍ତୀ ପ୍ରସ୍ତୁତି ଥିଲା ଶ୍ରୀ ଗୀତଗୋବିନ୍ଦର ଚାଟୁ "ବଚନ ରଚନଂ ଚରଣେ ରଷିତ ପ୍ରଣିପାତମ୍" ଯାହା ତାଳ-ଏକତାଳୀ ଉପରେ ପର୍ଯ୍ୟବେଷିତ ଥିଲା । ତାଙ୍କର ଅନ୍ତିମ ପ୍ରସ୍ତୁତି ଥିଲା ନାଟ୍ୟାଙ୍ଗ ବନମାଳୀଙ୍କ ରଚନାରୁ ଉଦ୍ଧୃତ "ବାରିଜାକି ମନରୁ ମନ ମାରିଦେ" । ତାଙ୍କୁ ଯନ୍ତ୍ରାଂଶରେ ସହଯୋଗ କରିଥିଲେ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ହାରମୋନିୟମରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ।

ସଂଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ଆନ୍ତର୍ଜାତିୟ ଖ୍ୟାତି ସମ୍ପର୍ଣ୍ଣ ବିଶିଷ୍ଟ ଗାୟକ ସୁରେଶ ୱାଡ଼କରଙ୍କ ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ । ସେ ପ୍ରଥମେ ରାଗ ମାଲକୋସ ପରିବେଷଣ କରିଥିଲେ ଏବଂ ପରେ ପରେ ବିଭିନ୍ନ ବନ୍ଧୀସ **ଯଥା ସିନେ ମେ ଜଲନ ଆଖୋମେ....** ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ତାଙ୍କୁ ଯନ୍ତ୍ରାଂଶରେ ସହଯୋଗ କରିଥିଲେ ତବଲାରେ ବିନାୟକ ନେଟକେ, ହାରମୋନିୟମରେ ଅଜୟ ଜଗଲେକର, ତାନପୁରାରେ ଅନନ୍ୟା ୱାଡ଼କର ଓ ବଂଶୀରେ ଜୱାହାର ।

ଆଜି ସଂନ୍ଧ୍ୟାର ଅତିଥି ଭାବରେ ଯୋଗଦେଇଥିଲେ ହାଇଦ୍ରାବାଦରେ ଅବସ୍ଥିତ ତୁର୍କୀର କନସୁଲେଟ ଜେନେରାଲ ଆରଦା ଉଲଟାସ, ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ଉତ୍ପଳ କୁମାର ପତି । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ଏବଂ ଡ଼. ସାଧନା ଶ୍ରୀବାସ୍ତବ ।